# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 31st May - 2025

********************************

## ମୁଖ୍ୟ ସମ୍ବାଦ

- ଭାରତ ଆତଙ୍କବାଦୀ କାର୍ଯ୍ୟକଳାପର ଦୃଢ଼ ଜବାବ ଦେବାକୁ ସଙ୍କଳ୍ପବଦ୍ଧ; ଅହଲ୍ୟା ବାଈଙ୍କ ୩୦୦ତମ ଜନ୍ମବାର୍ଷିକୀ ଅବସରରେ କହିଲେ ପ୍ରଧାନମନ୍ତ୍ରୀ ।

- ତମାଖୁ ବର୍ଜନ ଦିବସରେ ନିଶାମୁକ୍ତ ଅଭିଯାନରେ ସାମିଲ୍ ହୋଇ ସୁସ୍ଥ ଜୀବନଶୈଳୀ ଆପଣେଇବାକୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ ।

- ଢେଙ୍କାନାଳସ୍ଥିତ ଆଇ.ଆଇ.ଏମ୍.ସି. କାର୍ଯ୍ୟକାରିତାର ସମୀକ୍ଷା କଲେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ ।

- ଶୀତଳଷଷ୍ଠୀ ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠରେ ଦେବଦମ୍ପତି ବିବାହପାଇଁ ସ୍ୱତନ୍ତ୍ର ନୀତିକାନ୍ତି ।

ଏବଂ

- ଏସୀୟ ଦୌଡ଼କୁଦ ପ୍ରତିଯୋଗିତାର ୨୦୦ ମିଟର ଦୌଡ଼ରେ ବ୍ରୋଞ୍ଜପଦକ ହାସଲ କଲେ ଓଡ଼ିଶାର ଅନିମେଶ କୁଜୁର ।

*Desk*

# ପି.ଏମ୍. - ଅହଲ୍ୟା ବାଈ

ଭାରତ ଆତଙ୍କବାଦୀ କାର୍ଯ୍ୟକଳାପର ଦୃଢ଼ ଜବାବ ଦେବାକୁ ସଙ୍କଳ୍ପବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ମଧ୍ୟପ୍ରଦେଶର ଭୋପାଳସ୍ଥିତ ଜମ୍ବୁରୀ ମଇଦାନଠାରେ ଲୋକମାତା ଅହଲ୍ୟା ବାଈଙ୍କ ୩୦୦ତମ ଜନ୍ମବାର୍ଷିକୀ ଅବସରରେ ମହିଳା ସଶକ୍ତୀକରଣ ସମ୍ମିଳନୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କୌଣସି ପ୍ରକାର ପରୋକ୍ଷ ଯୁଦ୍ଧକୁ ଭାରତ ସହ୍ୟ କରିବ ନାହିଁ । ସିନ୍ଦୂର' ଦେଶର ସାହସିକତାର ପ୍ରତୀକ ପାଲଟିଛି । ଲୋକମାତା ଅହଲ୍ୟାଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଅହଲ୍ୟାବାଈଙ୍କ ଦୃଢ଼ ସଙ୍କଳ୍ପ ଏବଂ କଷ୍ଟକର ପରିସ୍ଥିତିକୁ ପ୍ରତିହତ କରିବାର ଚେଷ୍ଟା ଅନ୍ୟମାନଙ୍କପାଇଁ ଏକ ଶକ୍ତିଶାଳୀ ଉଦାହରଣ । ସେ ସମସ୍ତଙ୍କପାଇଁ ପ୍ରେରଣା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

*BBSR/R*

# ଅହଲ୍ୟା ବାଈ ଜୟନ୍ତୀ

ଅହଲ୍ୟା ବାଈଙ୍କ ପରି ସମାଜରେ ନ୍ୟାୟ, ଶିକ୍ଷା ଓ ସମାନତାକୁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଜୟଦେବ ଭବନଠାରେ ପୁଣ୍ୟଶ୍ଲୋକା ମହାରାଣୀ

ଅହଲ୍ୟା ବାଈ ହୋଲ୍‌କରଙ୍କ ୩୦୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ନାରୀ ସଶକ୍ତୀକରଣ ପାଇଁ ସରକାର ଯେଉଁ ଗୁରୁତ୍ୱ ଦେଉଛନ୍ତି, ତାହା ଅହଲ୍ୟା ବାଈଙ୍କ ଦୃଷ୍ଟିଭଙ୍ଗୀ ସହ ସମନ୍ୱୟ ରଖେ । ସୁସ୍ଥ ସମାଜ ଗଠନ, ଜନସେବା, ଶିକ୍ଷା ଆଦି କ୍ଷେତ୍ରରେ ଅହଲ୍ୟା ବାଈଙ୍କ ଅତୁଳନୀୟ ଅବଦାନ ରହିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଅହଲ୍ୟା ବାଈ ହୋଲ୍‌କରଙ୍କୁ ନ୍ୟାୟନିଷ୍ଠା, ସାହସିକତାର ପ୍ରତୀକ ବୋଲି ଅଭିହିତ କରିଛନ୍ତି ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଭାଷା, ସାହିତ୍ୟ, ସଂସ୍କୃତି ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅହଲ୍ୟା ବାଈଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଓଡ଼ିଆ ଭାଷାରେ ରଚିତ ଅହଲ୍ୟା ବାଈଙ୍କ ଜୀବନୀ ଆଧାରିତ ‘କର୍ମଯୋଗିନୀ ପୁଣ୍ୟଶ୍ଳୋକା ଅହଲ୍ୟା ବାଈ ହୋଲ୍‌କର’ ପୁସ୍ତକର ଉନ୍ମୋଚନ କରାଯାଇଥିଲା ।

***Sambalpur/R***

# ଧର୍ମେନ୍ଦ୍ର ପ୍ରଧାନ - ଅଭୟାରଣ୍ୟ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଯମନକିରା ବ୍ଲକ୍ ବଢ଼ରମାସ୍ଥିତି ଉଷାକୋଟି ଅଭୟାରଣ୍ୟ ପରିଦର୍ଶନ କରିଛନ୍ତି । ମନ୍ତ୍ରୀ ଶ୍ରୀ ପ୍ରଧାନ ବନଖଣ୍ଡ ଅଧିକାରୀଙ୍କ ସହ ଅଭୟାରଣ୍ୟର ଉନ୍ନତୀକରଣ ବିଷୟରେ

ଆଲୋଚନା କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ପର୍ଯ୍ୟଟନ ଆମର ସମ୍ପଦ । ଅଭୟାରଣ୍ୟର ସୁରକ୍ଷା ସହିତ ଅବାଧ ଶିକାରକୁ ରୋକିବା ଏବଂ ପର୍ଯ୍ୟଟକଙ୍କ ସୁବିଧା ବୃଦ୍ଧି କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ଉଷାକୋଟି ଅଭୟାରଣ୍ୟର ବିକାଶ ନେଇ ରାଜ୍ୟ ସରକାରଙ୍କ ପ୍ରସ୍ତାବଗୁଡ଼ିକୁ କେନ୍ଦ୍ର ସରକାର ସହଯୋଗ କରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉଷାକୋଟି ଅଭୟାରଣ୍ୟରେ ଥିବା କୁତବ ଗ୍ରାମର ଲୋକମାନଙ୍କୁ ଭେଟି ଶ୍ରୀ ପ୍ରଧାନ ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ସ୍ଥାନୀୟ ଲୋକଙ୍କପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା କରିବାପାଇଁ ଶ୍ରୀ ପ୍ରଧାନ ବନବିଭାଗକୁ ପରାମର୍ଶ ଦେଇଥିଲେ ।

***Desk***

## ଜନସଞ୍ଚାର ସଂସ୍ଥାନ ସମୀକ୍ଷା

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ ଆଜି ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନ ଆଇ.ଆଇ.ଏମ୍.ସି. ଗସ୍ତ କରି ସଂସ୍ଥାର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆଇ.ଆଇ.ଏମ୍.ସି. ଭିତ୍ତିଭୂମିର ଉନ୍ନତୀକରଣ, ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନିଯୁକ୍ତି, ନୂତନ ପାଠ୍ୟକ୍ରମ, ସ୍ନାତକୋତ୍ତର ଡିଗ୍ରୀ ବ୍ୟବସ୍ଥା ଆଦି ବିଷୟରେ ଆଇ.ଆଇ.ଏମ୍.ସି.ର ଆଞ୍ଚଳିକ

ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ସହ ସଚିବ ଶ୍ରୀ ଜାଜୁ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀ ଜାଜୁ କହିଛନ୍ତି :

***Voice (Jaju)*** :..........

***Ganjam/R***

## ଗଞ୍ଜାମ - ଷ୍ଟାଣ୍ଡିଂ କମିଟି

ରାଜ୍ୟ ବିଧାନସଭାର ନବମ ଷ୍ଟାଣ୍ଡିଂ କମିଟି ଆଜି ଗଞ୍ଜାମ ଜିଲ୍ଲା ଛତ୍ରପୁର ନିର୍ବାଚନ ମଣ୍ଡଳିର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି । ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଷ୍ଟାଣ୍ଡିଂ କମିଟି ଛତ୍ରପୁର ବ୍ଲକ୍ ପୋଟଲାମ୍‌ପୁରସ୍ଥିତ ବୃହତ୍ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି । ଷ୍ଟାଣ୍ଡିଂ କମିଟି ଚମାଖଣ୍ଡିସ୍ଥିତ ଗ୍ରାମୀଣ ଶିଳ୍ପ ଉଦ୍ୟାନ ମଧ୍ୟ ପରିଦର୍ଶନ କରିଛନ୍ତି ।

ପୂର୍ବରୁ କମିଟିର ସଦସ୍ୟମାନେ ଜଗନ୍ନାଥ ପ୍ରସାଦ ଓ ଭଞ୍ଜନଗର ବ୍ଲକର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହ ସରକାରୀ ଯୋଜନା ଅନୁଧ୍ୟାନ କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣାଧୀନ ତାରସିଂ ଓ ଗାୟାଗଣ୍ଡା ଉଚ୍ଚକ୍ଷମତା ସମ୍ପନ୍ନ ସେତୁ କାର୍ଯ୍ୟର ମଧ୍ୟ ତଦାରଖ କରିବା ସହ ଷ୍ଟାଣ୍ଡିଂ କମିଟି ବ୍ରହ୍ମପୁର ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ଭିତ୍ତିଭୂମି ଏବଂ ଚିକିତ୍ସା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ।

*Desk*

# ବିଶ୍ୱ ତମାଖୁ ବର୍ଜନ ଦିବସ

ତମାଖୁ ସେବନ ଏବଂ ସ୍ୱାସ୍ଥ୍ୟପ୍ରତି ଏହାର କୁ-ପ୍ରଭାବ ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି **ତମାଖୁ ସେବନର ନିବେଦନକୁ ପ୍ରତ୍ୟାଖାନ କରିବା; ତମାଖୁର ପ୍ରଚାର ପ୍ରସାର କରୁଥିବା ବ୍ୟବସାୟିକ କୌଶଳର ସତ୍ୟତା ଲୋକଲୋଚନକୁ ଆଣିବା ।**

*Desk*

# ମୁଖ୍ୟମନ୍ତ୍ରୀ - ତମାଖୁ ବର୍ଜନ ଦିବସ

ତମାଖୁଜନିତ ମୃତ୍ୟୁକୁ ରୋକିବାପାଇଁ ସଚେତନତାହିଁ ଏକମାତ୍ର ଉପାୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ 'ଆମ ସଂକଳ୍ପ : ନିଶା ନୁହେଁ ଜୀବନ'ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ନିଶାମୁକ୍ତ ସଚେତନତା ଅଭିଯାନରେ ସମସ୍ତେ ସାମିଲ୍ ହୋଇ ସୁସ୍ଥ ଜୀବନଶୈଳୀ ଆପଣେଇବାକୁ ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ମିଳିତ ପ୍ରୟାସ ଓ ସଚେତନତା

ଦ୍ୱାରା ତମାଖୁ ମୁକ୍ତ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ । ଏହି ଅବସରରେ ଶ୍ରୀ ମାଝୀ ମାସେବ୍ୟାପୀ ଚାଲିବାକୁ ଥିବା କାର୍ଯ୍ୟକ୍ରମ ପାଇଁ ଲୋଗୋ ଏବଂ ଟେଲିଭିଜନ ବିଜ୍ଞାପନର ଶୁଭାରମ୍ଭ କରିଛନ୍ତି ।

ବିଶେଷଜ୍ଞଙ୍କ ମତରେ ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଥାଏ । ଏହାର ସେବନଦ୍ୱାରା ବିଭିନ୍ନ ପ୍ରକାକର ରୋଗର ଆଶଙ୍କା ରହିଥାଏ । ତମାଖୁ ବର୍ଜନ ଦିବସ ଅବସରରେ ଶୁଣନ୍ତୁ ଏକ ବିଶେଷ ରିପୋର୍ଟ ।

***Voice** :........*

ଆକାଶବାଣୀ ସମାଚାର ପାଇଁ ମୁଁ ସ୍ମୃତିରେଖା ତାରେଣିଆ ।

***Keonjhar, Boudh/R***

# ତମାଖୁ ବର୍ଜନ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । କେନ୍ଦୁଝରରେ ଜିଲ୍ଲାବ୍ୟାପୀ ନିଶାଦ୍ରବ୍ୟ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧୀ ସଚେତନତା ଅଭିଯାନ ଆରମ୍ଭ ହୋଇଛି ।

ବୌଦ୍ଧ ଟାଉନ୍‌ହଲ୍‌ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ତମାଖୁ ବର୍ଜନ ଦିବସ ପାଳନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମଦନ ମୋହନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ଜିଲ୍ଲାର ପ୍ରଶାସନିକ ଓ ଚିକିତ୍ସାଧିକାରୀମାନେ ଉପସ୍ଥିତ ଥିଲେ । ବୈଠକ ପରେ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା ।

***Sambalpur, Nayagarh/R***

## ଶୀତଳଷଷ୍ଠୀ

ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ସମ୍ବଲପୁର ସହର ଚଳଚଞ୍ଚଳ ହୋଇ ଉଠିଛି। ଆଜି କନ୍ୟାପିତାଙ୍କ ଗଣ୍ଠାଳ ଫିଟା ହଳଦୀ କାର୍ଯ୍ୟକ୍ରମ ହୋଇଥିବାବେଳେ ରାତିରେ ବରଯାତ୍ରୀ ତଥା ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବରବେଶରେ ଦେବ ଦେବ ମହାଦେବ ସୁସଜ୍ଜିତ ହୋଇ ବରଯାତ୍ରୀ ସହ କନ୍ୟା ମା' ପାର୍ବତୀଙ୍କ ଘରକୁ ଯାତ୍ରା କରିବେ।

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍‌ର ପ୍ରଭୁ ଶ୍ରୀଦୂତୀକେଶ୍ୱର ମହାଦବଙ୍କ ପୀଠରେ ପବିତ୍ର ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଆଜି ବୈଦିକ ରୀତିନୀତିରେ ଶିବପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଯାଇଛି । ପରେ ଦେବଦମ୍ପତି ମନ୍ଦିର ପରିକ୍ରମା କରି ସ୍ୱମନ୍ଦିରକୁ ପ୍ରବେଶ କରିଥିଲେ । ସେହିପରି ପ୍ରସିଦ୍ଧ ଶୈବପୀଠ

ଶରଣକୁଳ ମହାପ୍ରଭୁ ଲଡ୍ଡୁକେଶ୍ୱର ମହାଦେବଙ୍କର ବିବାହ ଯାତ୍ରା ଆଜି ରାତିରେ ମହା ଆଡ଼ମ୍ବରରେ ସମ୍ପନ୍ନ ହେବ ।

***Sonepur/R***

## ଶିବବିବାହ

ସୁବର୍ଣ୍ଣପୁରର ଅନେକ ପ୍ରାଚୀନ ଶିବମନ୍ଦିରରେ ଶୀତଳଷଷ୍ଠୀ ଯାତ୍ରା ଆୟୋଜିତ ହୋଇଛି । ବାବା କପିଳେଶ୍ୱର, ବୈଦ୍ୟନାଥର ବାବା କୋଶଳେଶ୍ୱର, ବୀରମହାରାଜପୁରର ବାବା ଚମ୍ପେଶ୍ୱର ଆଜି ରାତିରେ ନିର୍ଦ୍ଧାରିତ ଲଗ୍ନରେ ଶୋଭାଯାତ୍ରାରେ ବାହାରିବେ । ଏହାପରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହେବ ।

***Desk***

## ଏସୀୟ ଦୌଡ଼କୁଦ

ଦକ୍ଷିଣ କୋରିଆରେ ଚାଲିଥିବା ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାର ଅନିମେଶ କୁଜୁର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଅନିମେଶ ୨୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଏହି ସଫଳତା ହାସଲ କରି ନୂତନ ଜାତୀୟ ରେକର୍ଡ଼ ମଧ୍ୟ ସୃଷ୍ଟି କରିଛନ୍ତି । ଅନିମେଶ୍ଙ୍କ ଏହି ସଫଳତାରେ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

*****